vaishnavi
CORPORATE COMMUNICATIONS


| | | | |
|---|---|---|---|
| **Publication:** | Prajatantra | TCS | |
| **Edition:** | Bhubaneswar | | |
| **Date:** | 26, August 2011 | | |
| **Page:** | 09 | | |


# ସେପ୍ଟେମ୍ବର ୬ରେ ଭୁବନେଶ୍ୱରରେ ଟିସିଏସର ଓ୍ୱିଜ ୨୦୧୧

ଭୁବନେଶ୍ୱର : ଟାଟା କନସଲଟାନ୍ସି ସର୍ଭିଶେଷ ପକ୍ଷରୁ ୨୦୧୧ର ଟିସିଏସ ଆଟି ଓ୍ୱିଜ ଆସନ୍ତା ୨୦୧୧ରେ ଅନୁଷ୍ଠିତ ହେବ। ସ୍ଥାନୀୟ ଜୟଦେବ ବିହାର ସ୍ଥିତ ପାଲ ହାଇଟସ ଠାରେ ଆସନ୍ତା ସେପ୍ଟେମ୍ବର ୦୬ ମଙ୍ଗଳବାର ଦିନ ଭାରତର ସର୍ବବୃହତ ଆଟି ସ୍କୁଲ କୁଇଜ ଟିସିଏସର ଆଟି-ଓ୍ୱିଜ ୨୦୧୧ ଅନୁଷ୍ଠିତ ହେବ। ଭୁବନେଶ୍ୱରରେ ଆୟୋଜିତ ହେଉଥିବା ଏହି କୁଇଜ ପ୍ରତିଯୋଗୀତା ପାଇଁ ପ୍ରବେଶ ଶୁଳ୍କ ନଥିବା ବେଳେ ୮ମରୁ ୧୨ଶ ପର୍ଯ୍ୟନ୍ତ ଶ୍ରେଣୀର ଛାତ୍ରଛାତ୍ରୀ ଭାଗ ନେଇପାରିବେ। ଭୁବନେଶ୍ୱର ପରି ସମଗ୍ର ଦେଶରେ ଟିସିଏସ ଏପରି ୧୨ଟି ଜାଗାରେ ଆଟି କୁଇଜର ଆୟୋଜନ କରିବ। ହାଇଦ୍ରାବାଦ, ଅହମଦାବାଦ, ବାଙ୍ଗାଲୋର, ଚେନାଇ, କୋଇମ୍ବାଟୁର, ପୁନେ, କୋଲକାତା, ଭୁବନେଶ୍ୱର, କୋଚି, ଲକ୍ଷ୍ନୌ, ଦିଲ୍ଲୀ, ଓ ମୁମ୍ବାଇ ଠାରେ ଅନୁଷ୍ଠିତ ହେବାକୁ ଥିବା ଆଞ୍ଚଳିକ ରାଉଣ୍ଡର ବିଜେତାମାନେ ଆସନ୍ତା ଡିସେମ୍ବରରେ ହେବାକୁ ଫାଇନାଲ ରାଉଣ୍ଡରେ ଭାଗ ନେବେ। ବିଗତ ୧୨ ବର୍ଷ ଧରି ଟିସିଏସର ସାମାଜିକ ଅଙ୍ଗୀକାର ବଦ୍ଧତା କାର୍ଯ୍ୟକ୍ରମ ଭାବରେ ଏହି ପ୍ରତିଯୋଗୀତା ଆୟୋଜିତ ହୋଇଆସୁଛି। ଏହି କୁଇଜ ଦ୍ୱାରା ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଇଟି ବିଷୟରେ ଅଧିକ ସଚେତନତା ଆଣିବାରେ ଏହା ସହାୟକ ହେଉଛି। ୨୦ଟି ପ୍ରଶ୍ନ ସମ୍ବଳିତ ଏହି କୁଇଜର ପ୍ରଥମ ଲିଖିତ ପରୀକ୍ଷା ଅନୁଷ୍ଠିତ ହୋଇଥାଏ। ପରବର୍ତ୍ତୀଦ ରାଉଣ୍ଡରେ ମୌଖିକ, ଦୃଶ୍ୟ ତଥା ଶ୍ରାବ୍ୟ ପ୍ରଶ୍ନର ସାହାଯ୍ୟ ନିଆଯାଇଥାଏ। ଲିଖିତ ପରୀକ୍ଷାରୁ ୬ଟି ଶ୍ରେଷ୍ଠ ଦଳ ପରବର୍ତ୍ତୀ ରାଉଣ୍ଡକୁ ଯୋଗ୍ୟ ବିବେଚିତ ହୁଅନ୍ତି। ଏବଂ ଗୋଟିଏ ସ୍କୁଲରୁ ମାତ୍ର ଗୋଟିଏ ଦଳ ଲିଖିତ ରାଉଣ୍ଡରୁ ଯୋଗ୍ୟ ବିବେଚିତ ହୋଇପାରିବ। ପ୍ରତି ଆଞ୍ଚଳିକ ବା ଜୋନାଲ ରାଉଣ୍ଡରୁ ମାତ୍ର ଗୋଟିଏ ଦଳ କୋଇମ୍ବାଟୁର ଠାରେ ଡିସେମ୍ବର ମାସରେ ହେବାକୁ ଥିବା ଫାଇନାଲ ପ୍ରତିଯୋଗୀତାରେ ଭାଗ ନେବେ। ଜୋନାଲ ବା ଆଞ୍ଚଳିକ ପ୍ରତିଯୋଗୀତାର ବିଜେତାଙ୍କୁ ଟ୍ରଫି ସହ ଏକ ଗାଲାକ୍ସି ଟ୍ୟାବ ଓ ଡିଜିଟାଲ କ୍ୟାମେରା ପୁରସ୍କାର ମିଳିବାକୁ ଥିବା ବେଳେ ଉପ ବିଜେତାଙ୍କୁ ଟ୍ରଫି ସହ ଆଇପଡ ପ୍ରଦାନ କରାଯିବ। ଏହା ବ୍ୟତୀତ ଜୋନାଲ ରାଉଣ୍ଡର ସମସ୍ତ ୬ଟି ଫାଇନାଲିଷ୍ଟଙ୍କ ପାଇଁ ଟ୍ରାଭେଲ ବ୍ୟାଗ, ହେଡଫୋନ, ସ୍ପିକର, ପେନ ଡ୍ରାଇଭ ଭଳି ଆକର୍ଷକ ପୁରସ୍କାରର ବ୍ୟବସ୍ଥା ରହିଛି। ଏହି କୁଇଜରେ ଶିକ୍ଷା, ପୁସ୍ତକ, ମଲଟିମେଡିଆ, ସଂଗୀତ, ଚଳଚ୍ଚିତ୍ର, ବ୍ୟାଙ୍କିଙ୍ଗ, ଆଡଭର୍ଟାଇଜମେଣ୍ଟ, କ୍ରୀଡା ଆଦି କ୍ଷେତ୍ରରେ ଆଟିର ଉପଯୋଗୀତା ତଥା ବିଭିନ୍ନ ଆଟି କମ୍ପାନୀ ଉପରେ ପ୍ରଶ୍ନ ରହିବ। ଦେଶ ବିଦେଶରେ ଆଇଟିର ବ୍ୟବହାର, ଉଦ୍ଭାବନ ଓ ଆବିଷ୍କାର ବିଷୟରେ ମଧ୍ୟ ଏହି କୁଇଜରେ ପ୍ରଶ୍ନ ରହିବ ବୋଲି ଆୟୋଜକ ସୂଚନା ଦେଇଛନ୍ତି ।



By: Vaishnavi - BIU Team